## ସଂକ୍ଷେପରେ

### ଟ୍ରକ୍ ଧକ୍କାରେ କମ୍ପାନୀ କର୍ମଚାରୀ ମୃତ

**ଢେଙ୍କାନାଳ ଅଫିସ, ୨୬।୩:** ଢେଙ୍କାନାଳ ଜିଲା ମୋଟଙ୍ଗା ଥାନା ମେରାମଣ୍ଡଳୀ ବାଇପାସ୍ ନିକଟ ୫୫ନଂ. ଜାତୀୟ ରାଜପଥରେ ରବିବାର ପୂର୍ବାହ୍ନ ପ୍ରାୟ ୧୦ଟାରେ ଏକ ଦ୍ରୁତଗାମୀ ଟ୍ରକ୍ ଧକ୍କାରେ ଜଣେ କମ୍ପାନୀ କର୍ମଚାରୀଙ୍କ ମୃତ୍ୟୁ ଘଟିଛି। ସେ ହେଲେ ନବ କମ୍ପାନୀରେ କାର୍ଯ୍ୟରତ ତଥା ଖଡ଼ଗପ୍ରସାଦ ଗ୍ରାମର ମନୋଜ ମହାପାତ୍ର (୪୭)। ମୋଟଙ୍ଗା ପୋଲିସ ଦୁର୍ଘଟଣା ଘଟାଇଥିବା ଟ୍ରକ୍ ଜବତ କରିଥିବାବେଳେ ଏହାର ଚାଳକ ଫେରାର ଅଛନ୍ତି। ଏ ନେଇ ନଂ. ୭୩/୨୩ରେ ଏକ ମାମଲା ରୁଜୁ ହୋଇଛି। ମନୋଜ ମେରାମଣ୍ଡଳୀ ବଜାରକୁ ସ୍କୁଟି ସର୍ଭିସିଂ କରିବାକୁ ଆସିଥିଲେ। କାମସାରି ଘରକୁ ଫେରିବା ବାଟରେ ଏହି ଦୁର୍ଘଟଣା ଘଟିଥିଲା। ଏହାକୁ ନେଇ ଚାପା ଉତ୍ତେଜନା ପ୍ରକାଶ ପାଇଥିଲା। କ୍ଷତିପୂରଣ ଏବଂ ଦୁର୍ଘଟଣା ଘଟାଇଥିବା ଡ୍ରାଇଭରଙ୍କୁ ଗିରଫ କରିବା ଦାବିରେ ମୃତକଙ୍କ ପରିବାର ୫୫ନଂ. ଜାତୀୟ ରାଜପଥରେ ମୃତଦେହ ରଖି ଅବରୋଧ କରିଥିଲେ। ମୋଟଙ୍ଗା ଥାନାଧିକାରୀ ନିରଞ୍ଜନ ସେଠୀ, ସାମାଜିକ କର୍ମୀ ଗଙ୍ଗାଧର ସାମଲ ପହଞ୍ଚି ଆନ୍ଦୋଳନକାରୀଙ୍କ ସହ ଆଲୋଚନା କରିଥିଲେ। ରେଡ୍‌କ୍ରସ୍ ପାଣ୍ଠିରୁ ୧୦ ହଜାର ଟଙ୍କା ସହାୟତା ପ୍ରଦାନ କରାଯିବା ପରେ ଅପରାହ୍ନ ୨ଟାରେ ରାସ୍ତାରୋକୋ ହଟିଥିଲା। ଏହାପରେ ମୃତଦେହ ବ୍ୟବଚ୍ଛେଦ ଲାଗି ପଠାଯାଇଥିବା ଥାନାଧିକାରୀ ସୂଚନା ଦେଇଛନ୍ତି।

# ନାଟକ ଖୋଜୁଛି ମଞ୍ଚ

## ଆଜି ବିଶ୍ୱ ନାଟ୍ୟ ଦିବସ

(ରତନ ନାୟାର)

**ଢେଙ୍କାନାଳ ଅଫିସ,୨୬।୩**



‘ଆର୍‌ତାର’ ପକ୍ଷରୁ ମଞ୍ଚସ୍ଥ ନାଟକ ‘ପୌରଷ’ର ଏକ ଦୃଶ୍ୟ।

**ମୁହଁରେ ରଙ୍ଗ ମାଖି ମଞ୍ଚ ଉପରକୁ ଚଢ଼ିଯିବା ପରେ କଳାକାର ଭିତରେ ସବାର ହୁଏ ଅଭିନୟର କାଳିଶୀ। ଉଜ୍ଜ୍ୱଳ ଆଲୋକ, ସଂଳାପଦର୍ଶକଙ୍କ କରତାଳିରେ ସେ ଭୁଲିଯାଏ ନିଜକୁ। ତେବେ ରିହର୍ସାଲରୁ ଆରମ୍ଭ ହୋଇ ପେଣ୍ଡାଲରେ ପହଞ୍ଚିବା ପର୍ଯ୍ୟନ୍ତ ନାଟକ ସହ ଭେଟ ହୁଏ ଅନେକ ସମସ୍ୟା। ସମାଜର ଗତାନୁଗତିକ ପ୍ରତିଛବିକୁ ମଞ୍ଚ ଉପରେ ଥୋଇବା ପାଇଁ ସହିବାକୁ ପଡ଼େ ଅନେକ କଷ୍ଟ। ହେଲେ ନାଟ୍ୟ ନିର୍ଦ୍ଦେଶକ, କଳାକାରଙ୍କ ଯନ୍ତ୍ରଣା ସେତେବେଳେ ଆହୁରି ବଢ଼ିଯାଏ, ଯେତେବେଳେ ଭଲ ନାଟକ ପରିବେଷଣ ପାଇଁ ଖୋଜାପଡ଼େ ମଞ୍ଚ। ନାଟକ ପାଇଁ ଜାତୀୟସ୍ତରରେ ସୁନାମ ଅର୍ଜିଥିବା ଢେଙ୍କାନାଳ ଜିଲାରେ ଏବେ ଏଭଳି ସମସ୍ୟା ନାଟ୍ୟପ୍ରେମୀଙ୍କୁ ନିରାଶ କରୁଛି। କେବଳ ଏତିକି ନୁହେଁ, ମଞ୍ଚ ଅଭାବରୁ ନାଟ୍ୟକାରମାନେ ଦର୍ଶକଙ୍କୁ ଭଲ ନାଟକ ଭେଟିଦେବାର ସୁଯୋଗ ହରାଉଥିବା ଅଭିଯୋଗ ହେଉଛି।**

ଢେଙ୍କାନାଳର ନାଟ୍ୟ ପରମ୍ପରା ଅଷ୍ଟାଦଶ ଶତାବ୍ଦୀର। ରାଜରାଜୁଡ଼ା ଅମଳରେ ନାଟକକୁ ମିଳୁଥିଲା ବିପୁଳ ପ୍ରୋତ୍ସାହନ। ରାଜବାଟୀର ବର୍ଣ୍ଣାଢ଼୍ୟ ପରିବେଶରେ କଳାକଳାମାନେ ମୁହଁରେ ରଙ୍ଗ ମାଖି ଦେଖାଉଥିଲେ ଅଭିନୟର ଯାଦୁ। ଏବେ ସମୟ ବଦଳିଛି। ଭିନ୍ନ ସ୍ୱାଦର ନାଟକ ଲେଖାଯାଉଛି। ଅଭିନୟ କରିବାକୁ କଳାକାରଙ୍କ ମଧ୍ୟରେ ଉତ୍ସାହ ମଧ୍ୟ କମିନାହିଁ। ହେଲେ ଉଚ୍ଚକୋଟୀର ପେଣ୍ଡାଲ ନ ଥିବାରୁ ନାଟକ ପରିବେଷଣ ପାଇଁ ସଂଘର୍ଷ କରିବାକୁ ପଡୁଛି, ଯାହାକୁ ନେଇ ଉଦ୍‌ବେଗ ବ୍ୟକ୍ତ କରିଛନ୍ତି କଳାକାର, ନିର୍ଦ୍ଦେଶକ।

ଭୁବନେଶ୍ୱର, ପୁରୀ, ଖୋର୍ଦ୍ଧା, ରାଉରକେଲା, ସମ୍ବଲପୁର, ବାଲେଶ୍ୱର, ବ୍ରହ୍ମପୁର, କେନ୍ଦୁଝର ଏବଂ ଅନୁଗୋଳ ଭଳି ଢେଙ୍କାନାଳ ଜିଲା ମଧ୍ୟ ନାଟକରେ ସ୍ୱତନ୍ତ୍ର ପରିଚୟ ହାସଲ କରିଛି। ଊନବିଂଶ ଶତାବ୍ଦୀର ଅଶୀ ଦଶକ ପରେ ‘ଶିଳ୍ପୀ’, ‘କଳାପରିଷଦ’, ‘ତ୍ରିରଙ୍ଗା’, ‘ସପ୍ତରଙ୍ଗ’, ‘ଚାର୍ଲି ଚାପଲିନ୍’ ଓ ‘ଆର୍‌ତାର’ ଭଳି ବହୁ ନାଟ୍ୟାନୁଷ୍ଠାନ ଗଢ଼ାଯାଇଛି। ସମ୍ପୃକ୍ତ ଅନୁଷ୍ଠାନ ରାଜ୍ୟ ସମେତ ଦେଶର ବିଭିନ୍ନ ସ୍ଥାନରେ ଶତାଧିକ ନାଟକ ମଞ୍ଚସ୍ଥ କରିସାରିଲେଣି। ବରିଷ୍ଠ ନାଟ୍ୟକାର ତଥା କଳାପରିଷଦ ଅନୁଷ୍ଠାନର ପ୍ରତିଷ୍ଠାତା ଦିଲୀଶ୍ୱର ମହାରଣା, ଶତ୍ରୁଘ୍ନ ମାଟି, ‘ଶିଳ୍ପୀ’ର ପରେଶ ପଟ୍ଟନାୟକ, ‘ସପ୍ତରଙ୍ଗ’ର ସୁଧାଂଶୁ ବେହେରା, ‘ଆର୍‌ତାର’ର ଦୀନେଶ ଦାସ, ‘ତ୍ରିରଙ୍ଗା’ର ଅରବିନ୍ଦ ସାହୁ ପ୍ରମୁଖ ଢେଙ୍କାନାଳର ସମୃଦ୍ଧ ନାଟ୍ୟ ପରମ୍ପରାକୁ ଉଜ୍ଜୀବିତ ରଖିବା ପାଇଁ ଅନବରତ ଉଦ୍ୟମ ଜାରି ରଖିଛନ୍ତି। ହେଲେ ଏତେସଂଖ୍ୟକ ନାଟ୍ୟାନୁଷ୍ଠାନ ଥିଲେ ମଧ୍ୟ ସେମାନଙ୍କ ଦ୍ୱାରା ପ୍ରସ୍ତୁତ ନାଟକ ପରିବେଷଣ ପାଇଁ ଉତ୍କୃଷ୍ଟ ମଞ୍ଚ ନାହିଁ। ଯେଉଁ ୫–୬ଟି ଅଡିଟୋରିୟମ୍ ରହିଛି, ତାହାର ନିର୍ମାଣଶୈଳୀ ନାଟକ ପରିବେଷଣ ପାଇଁ ଉପଯୋଗୀ ନୁହେଁ। ତେଣୁ ମିନି ଷ୍ଟାଡିୟମ୍‌ରେ ଅସ୍ଥାୟୀ ମଞ୍ଚ କରି ନାଟକ ପରିବେଷଣ କରିବାକୁ ବହୁ ନାଟ୍ୟ ନିର୍ଦ୍ଦେଶକ ବାଧ୍ୟ ହେଉଛନ୍ତି। ସବୁଠାରୁ ବଡ଼କଥା ହେଉଛି, ଢେଙ୍କାନାଳର ନାଟ୍ୟ ଅନୁଷ୍ଠାନଗୁଡ଼ିକ ବାହାର ଜିଲାରେ ନାଟକ ପରିବେଷଣ କରିବା ବେଳେ ଯେଉଁ ଅନୁଭୂତି ସାଉଁଟୁଛନ୍ତି, ନିଜ ମାଟିରେ ତାହାର ଅଭାବବୋଧକୁ ସେମାନେ ହୃଦୟଙ୍ଗମ କରୁଛନ୍ତି। ନାଟକ ପାଇଁ ପର୍ଯ୍ୟାପ୍ତ ଭିତ୍ତିଭୂମି ରହିଥିଲେ ମଧ୍ୟ ଢେଙ୍କାନାଳରେ ବର୍ଷତମାମ ନାଟକ ମଞ୍ଚସ୍ଥ କରିବା ଭଳି ଏକ ଉତ୍କୃଷ୍ଟ ମଞ୍ଚ ନିର୍ମାଣ ହୋଇ ନ ପାରିବା ପରିତାପର ବିଷୟ ବୋଲି ନାଟ୍ୟକାରମାନେ କହିଛନ୍ତି। ଜିଲା ପ୍ରଶାସନ, ରାଜ୍ୟ ସରକାର ଏବଂ ରାଜ୍ୟ ସଂସ୍କୃତି ବିଭାଗର ଆନ୍ତରିକତା ଅଭାବରୁ ଏଭଳି ସମସ୍ୟା ସୃଷ୍ଟି ହୋଇଥିବା ନାଟ୍ୟପ୍ରେମୀମାନେ ଅଭିଯୋଗ କରିଛନ୍ତି।

### ନାଟକ ଆଦୃତ ହେଲେ ଅନୁଷ୍ଠାନର ମାନ ବଢ଼ିବ



ଢେଙ୍କାନାଳରେ ଏକାଧିକ ନାଟ୍ୟାନୁଷ୍ଠାନ ରହିଛି। ହେଲେ କେତେଜଣ ନ୍ୟସ୍ତସ୍ୱାର୍ଥ ବ୍ୟକ୍ତିଙ୍କ ପାଇଁ ଅନୁଷ୍ଠାନ ଆଗକୁ ବଢ଼ିପାରୁନାହାନ୍ତି। ନାଟକ ଆଦୃତ ହେଲେ ଅନୁଷ୍ଠାନର ମାନ ବଢ଼ିବ। କଳାକାରମାନେ ନିଜକୁ ରାଜ୍ୟ ଓ ଜାତୀୟସ୍ତରରେ ପ୍ରତିଷ୍ଠିତ କରାଇପାରିବେ

–ଅରବିନ୍ଦ ସାହୁ, ମଞ୍ଚ ଅଭିନେତା

### ନାଟକ ପରିବେଷଣ କରିବା ଭଳି ମଞ୍ଚ ନାହିଁ



ଢେଙ୍କାନାଳରେ ନାଟକ ପରିବେଷଣ ପାଇଁ ଭଲ ମଞ୍ଚ ନାହିଁ। ଯେଉଁ କେତୋଟି ଭଲ ଅଡିଟୋରିୟମ୍ ଅଛି, ସେଠାରେ ବିଭାଗୀୟ କର୍ତ୍ତୃପକ୍ଷ ମନଇଚ୍ଛା ମଞ୍ଚ କରିଛନ୍ତି। ନାଟକରେ ଅଭିଜ୍ଞ ବ୍ୟକ୍ତିଙ୍କ ମତାମତ ନିଆଯାଉ ନ ଥିବାରୁ ତାହା ନାଟକ ପାଇଁ ଉପଯୋଗୀ ହେଉନାହିଁ।

–ବିନୋଦ ମହାନ୍ତି, ମଞ୍ଚ ଅଭିନେତା

### ସବୁସ୍ତରରେ ବ୍ୟବସ୍ଥା ହେବା ଦରକାର



ନାଟକ କେବଳ ମନୋରଞ୍ଜନର ମାଧ୍ୟମ ନୁହେଁ । ଏହା ବ୍ୟକ୍ତିତ୍ୱ ଗଠନରେ ସଫଳ ଚିକିତ୍ସା ପଦ୍ଧତି। କଳା ପ୍ରଦର୍ଶନ ପାଇଁ ଭରପୂର ସୁଯୋଗ ସୃଷ୍ଟି କରିବାର ଆବଶ୍ୟକତା ରହିଛି। ସେଥିପାଇଁ ସବୁସ୍ତରରେ ବ୍ୟବସ୍ଥା ହେବା ଦରକାର।

–ଦୀନେଶ ଦାସ, ନାଟ୍ୟକାର

### ବିଭାଗୀୟ ଦୂରଦୃଷ୍ଟିର ଅଭାବ



ଢେଙ୍କାନାଳର ‘କଳାପରିଷଦ’ ଓ ‘ଆର୍‌ତାର’ ନାଟ୍ୟାନୁଷ୍ଠାନ ପକ୍ଷରୁ ପ୍ରତିବର୍ଷ ନାଟକ ମଞ୍ଚସ୍ଥ ହେଉଛି। ଜନପ୍ରତିନିଧିଙ୍କ ସହାୟତାରେ ଜିଲାରେ ଅଡିଟୋରିୟମ୍ ନିର୍ମାଣ ହେଉଛି। ତେବେ ବିଭାଗୀୟ ଦୂରଦୃଷ୍ଟି ଅଭାବରୁ ନାଟକ ପାଇଁ ଉଦ୍ଦିଷ୍ଟ ମଞ୍ଚଟିଏ ହୋଇ ନ ପାରିବା ଦୁଃଖର କଥା ।

–ଦିଲୀଶ୍ୱର ମହାରଣା, ବରିଷ୍ଠ ନାଟ୍ୟକାର

## ଢେଙ୍କାନାଳ ନାଟକ ସାଉଁଟିଛି ପ୍ରଶଂସା

ନାଟକକୁ ନେଇ ପରୀକ୍ଷା ନିରୀକ୍ଷା କରିବାରେ ଢେଙ୍କାନାଳର ନାଟ୍ୟାନୁଷ୍ଠାନଗୁଡ଼ିକର ସ୍ୱତନ୍ତ୍ରତା ରହିଛି। ସାମ୍ପ୍ରତିକ ସମୟର ଘଟଣାବଳୀକୁ ମଞ୍ଚରେ ପରିବେଷଣ କରି ବିଭିନ୍ନ ସମୟରେ ପ୍ରଶଂସା ସାଉଁଟିଛନ୍ତି ସେମାନେ। ନିକଟ ଅତୀତରେ ‘କଳାପରିଷଦ’ ପକ୍ଷରୁ ସ୍ୱାଧୀନତା ସଂଗ୍ରାମ ଉପରେ ଆଧାରିତ ‘ବାଉଁଶ ଠେଙ୍ଗାରେ ସ୍ୱାଧୀନତା’ ନାଟକ ଜାତୀୟସ୍ତରରେ ପ୍ରଶଂସିତ ହୋଇଥିଲା। ସେହିପରି ‘ଆର୍‌ତାର’ର ‘ପୌରଷ’, ‘ମୁଁ ଚକରା କହୁଛି’, ‘ଗାନ୍ଧୀଙ୍କ ଓଡ଼ିଶା’ ଏବଂ ‘ଚାର୍ଲି ଚାପଲିନ କଲଚରାଲ କ୍ଲବ’ର ‘ଦୁଠ ପଥର’, ‘ଅଧାଅଧା’, ‘ଛାଇ’ ଦର୍ଶକୀୟ ସ୍ୱୀକୃତି ଲାଭ କରିଛି। ନିକଟରେ ‘କଳା ପରିଷଦ’ ପକ୍ଷରୁ ସମରକବି ବ୍ରଜନାଥ ବଡ଼ଜେନାଙ୍କ ରଚିତ ‘ସମର ତରଙ୍ଗ’ କାବ୍ୟକୁ ଗୀତିନାଟ୍ୟରେ ରୂପାନ୍ତର କରାଯାଇଛି। ପ୍ରଥମ କରି ଏହାକୁ ଭୁବନେଶ୍ୱର ରବୀନ୍ଦ୍ର ମଣ୍ଡପରେ ପ୍ରଦର୍ଶନ କରାଯାଇଥିଲା। ଢେଙ୍କାନାଳ ରାଜା ଏବଂ ମରହଟ୍ଟା ଶାସକଙ୍କ ମଧ୍ୟରେ ହୋଇଥିବା ଭୟଙ୍କର ଯୁଦ୍ଧକୁ ଏଥିରେ ଅବତାରଣା କରାଯାଇଥିବାବେଳେ ଏହାକୁ ମଧ୍ୟ ମିଳିଛି ଦର୍ଶକୀୟ ଆଦୃତି।

# ‘ସ୍ନେହ କଲେ ମାନବିକତାର ବିକାଶ ହେବ’



ମାରୱାଡି ସମାଜ ପକ୍ଷରୁ କମଲେଶ ଦିଦିଙ୍କୁ ସମ୍ବର୍ଦ୍ଧିତ କରାଯାଉଛି।

## ବ୍ରହ୍ମାକୁମାରୀ ଶାଖାର ସୁବର୍ଣ୍ଣ ଜୟନ୍ତୀ

**ଢେଙ୍କାନାଳ ଅଫିସ, ୨୬।୩**

ପ୍ରଜାପିତା ବ୍ରହ୍ମାକୁମାରୀ ଈଶ୍ୱରୀୟ ବିଦ୍ୟାଳୟ ଢେଙ୍କାନାଳ ଶାଖାର ସୁବର୍ଣ୍ଣ ଜୟନ୍ତୀ ସମାରୋହ ଓ ନୂତନ ଭବନର ଭିତ୍ତିପ୍ରସ୍ତର ସ୍ଥାପନ କାର୍ଯ୍ୟକ୍ରମ ରବିବାର ଭଗବାନପୁର ସୁନ୍ଦରିଖାଲଠାରେ ଅନୁଷ୍ଠିତ ହୋଇଯାଇଛି। ଏହି ପ୍ରସ୍ତାବିତ ନୂତନ ଭବନକୁ ‘ଜ୍ଞାନସୂର୍ଯ୍ୟ ଉପବନ’ ଭାବେ ନାମିତ କରାଯାଇଛି। ଏହାକୁ ଜନସାଧାରଣଙ୍କ ପାଇଁ ରିଟ୍ରେଟ୍ ସେଣ୍ଟର କରାଯିବ ବୋଲି ସୂଚନା ଦିଆଯାଇଛି। ମୁଖ୍ୟ ଅତିଥି ଭାବେ ଜିଲା ପରିଷଦ ସଭାନେତ୍ରୀ ଅର୍ଚ୍ଚନା ପୁହାଣ ଯୋଗଦେଇ କହିଲେ, ବ୍ରହ୍ମାକୁମାରୀ ଅନୁଷ୍ଠାନ ମାଧ୍ୟମରେ ଆଧ୍ୟାତ୍ମିକ ଜ୍ଞାନ, ରାଜଯୋଗ ଏବଂ ମାନବିକତାର ଶିକ୍ଷା ପ୍ରଦାନ କରାଯାଉଛି। ଆମେ ସମସ୍ତେ ପରସ୍ପରଠାରୁ ଭଲଗୁଣ ଶିଖିବା ଆବଶ୍ୟକ। ସମସ୍ତଙ୍କୁ ଭଲ ପାଇଲେ ମାନବିକତାର ବିକାଶ ହେବ ବୋଲି ସେ କହିଥିଲେ।

କଟକ ସବ୍‌ଜୋନ ମୁଖ୍ୟ କମଲେଶ ଦିଦି ଜୀ ଆଲୋଚନାରେ ଭାଗନେଇ ପରମାତ୍ମା, ଆତ୍ମା ଏବଂ ରାଜଯୋଗ ଉପରେ ଆଲୋକପାତ କରିଥିଲେ। ବରିଷ୍ଠ ସ୍ତମ୍ଭକାର ବି.କେ. ଅରୁଣ କୁମାର ପଣ୍ଡା ଆଧ୍ୟାତ୍ମିକ ମୂଲ୍ୟବୋଧକୁ ଆପଣାଇଲେ ଜୀବନ ନିର୍ବାହର ଜ୍ଞାନ ମିଳିଥାଏ ବୋଲି କହିଥିଲେ। ଏହି ଅବସରରେ ଜିଲା ପାଇଁ ଗୌରବ ଆଣିଥିବା କ୍ରୀଡ଼ାବିତ୍ ରାମକୃଷ୍ଣ ବେହେରା, ସାମାଜିକ କର୍ମୀ ତଥା ଜୀବନଜ୍ୟୋତି ମାନସିକ ବିଦ୍ୟାଳୟର ମୁଖ୍ୟ ପ୍ରଦ୍ୟୁମ୍ନ କୁମାର ମହାପାତ୍ର, ରକ୍ତଦାତା ରାଜକିଶୋର ବେହେରା, ଯୁବ ପରିବେଶବିତ୍ ଶୁଭ୍ରାଂଶୁ ଶତପଥୀ, ନାଟ୍ୟ ନିର୍ଦ୍ଦେଶକ ଦୀନେଶ ଦାସ ଏବଂ ସେବା ପାଇଁ ବଜରଙ୍ଗ କ୍ଲବକୁ ସମ୍ମାନିତ କରାଯାଇଥିଲା।

ଢେଙ୍କାନାଳ ଶାଖାର ମୁଖ୍ୟ ସଞ୍ଚାଳିକା ବିକେ ଉଷା, କଟକ ସବ୍‌ଜୋନ ଅତିରିକ୍ତ ମୁଖ୍ୟ ବିକେ ସୁଲୋଚନା, ବିକେ ନଥମଲ, ରାଉରକେଲାର ବିକେ ଅରୂପ, ନବରଙ୍ଗପୁରର ବିକେ ନୀଲମ୍ ପ୍ରମୁଖ ଉପସ୍ଥିତ ଥିଲେ। ମାରୱାଡି ସମାଜ ପକ୍ଷରୁ କମଲେଶ ଦିଦିଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା।

# ‘ଚାଷୀଙ୍କ ପାଇଁ ଲଢ଼େଇ ଜାରି ରହିବ’

**ଢେଙ୍କାନାଳ ଅଫିସ,୨୬।୩**

ମହାରାଷ୍ଟ୍ରର ନନ୍ଦେଡ୍ ଜିଲା ବେଲ ବଜାରରେ ଭାରତ ରାଷ୍ଟ୍ର ସମିତି (ବିଆର୍‌ଏସ୍) ପକ୍ଷରୁ ଏକ ଜନସମାବେଶ ଅନୁଷ୍ଠିତ ହୋଇଥିଲା। ଏଥିରେ ଯୋଗଦେଇ ତେଲଙ୍ଗାନା ମୁଖ୍ୟମନ୍ତ୍ରୀ ତଥା ବିଆର୍‌ଏସ୍ ମୁଖ୍ୟ କେ. ଚନ୍ଦ୍ରଶେଖର ରାଓ (କେସିଆର୍) ଚାଷୀଙ୍କ ପାଇଁ କାର୍ଯ୍ୟକାରୀ ହୋଇଥିବା ତେଲଙ୍ଗାନା ମଡେଲ ଉପସ୍ଥାପନ କରିଥିଲେ। ମହାରାଷ୍ଟ୍ରରେ ଦଳ କ୍ଷମତାକୁ ଆସିଲେ ଚାଷୀଙ୍କୁ ଏକର ପିଛା ୧୦ ହଜାର ଟଙ୍କା ପ୍ରଦାନ କରାଯିବ। ଏଥିସହ ନିଃଶୁଳ୍କ ବିଦ୍ୟୁତ୍, ଚାଷଜମିକୁ ପର୍ଯ୍ୟାପ୍ତ ଜଳ ମିଳିବ। ଚାଷୀଙ୍କୁ ୫ ଲକ୍ଷ ଟଙ୍କାର ବୀମାରାଶି ଦିଆଯିବ। ଉତ୍ପାଦିତ ସମସ୍ତ କୃଷିଜାତ ଦ୍ରବ୍ୟ ସରକାର କିଣିବେ। ଆଦିବାସୀ ବର୍ଗଙ୍କ ସୁବିଧା ପାଇଁ ‘ଦଳିତବନ୍ଧୁ ଯୋଜନା’ ଲାଗୁ ହେବ। ଯେ ପର୍ଯ୍ୟନ୍ତ ମହାରାଷ୍ଟ୍ର ସରକାର ଏହାକୁ ଲାଗୁ କରିନାହାନ୍ତି, ସେ ପର୍ଯ୍ୟନ୍ତ ଚାଷୀଙ୍କ ପାଇଁ ଲଢ଼େଇ ଜାରି ରହିବ ବୋଲି କେସିଆର୍ କହିଛନ୍ତି। ଏହି ଅବସରରେ ସେ କଂଗ୍ରେସ ଏବଂ ଭାଜପାକୁ କଡ଼ା ସମାଲୋଚନା କରିଥିଲେ।

# ବ୍ୟବସାୟୀଙ୍କୁ ସଚେତନ କଲେ ସ୍ୱଚ୍ଛସାଥୀ



ଆଖୁରସ ବିକ୍ରି କରୁଥିବା ଜଣେ ବ୍ୟବସାୟୀଙ୍କୁ ସ୍ୱଚ୍ଛସାଥୀମାନେ ସଚେତନ କରାଉଛନ୍ତି।

**ଢେଙ୍କାନାଳ ଅଫିସ,୨୬।୩**

ଢେଙ୍କାନାଳ ପୌରାଞ୍ଚଳରେ କାର୍ଯ୍ୟରତ ସ୍ୱଚ୍ଛସାଥୀମାନେ ରବିବାର ସ୍ୱଚ୍ଛତା ବାର୍ତ୍ତା ବାଣ୍ଟିଛନ୍ତି। ସେମାନେ ଜନଗହଳିପୂର୍ଣ୍ଣ ସ୍ଥାନରେ ବ୍ୟବସାୟ କରୁଥିବା ଦୋକାନୀ ଏବଂ ଠେଲା ବ୍ୟବସାୟୀଙ୍କୁ ପରିବେଶ ପରିଷ୍କାର ରଖିବାକୁ ପରାମର୍ଶ ଦେଇଥିଲେ। ପଇଡ଼ ଚୋପା, ଖାଇବା ଠୋଲା, ଆଖୁ ଚୋପା, ଚା କପ୍, ପନିପରିବା, ଚଉପାତି ଆଦିକୁ ଡଷ୍ଟବିନ୍‌ରେ ପକାଇବା ଏବଂ ସକାଳେ ସଫେଇ ଗାଡ଼ିକୁ ଦେବା ପାଇଁ ନିବେଦନ କରାଯାଇଛି। ପୌର ନିର୍ବାହୀ ଅଧିକାରୀ ତରୁଣ ମହାପାତ୍ରଙ୍କ ତତ୍ତ୍ୱାବଧାନରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

# କଂଗ୍ରେସର ସତ୍ୟାଗ୍ରହ

**ଢେଙ୍କାନାଳ ଅଫିସ,୨୬।୩**

ମୋଦି ସାଙ୍ଗିଆକୁ ନେଇ ଆପତ୍ତିମୂଳକ ମନ୍ତବ୍ୟ ଦେଇଥିବା ଅଭିଯୋଗରେ କଂଗ୍ରେସ ନେତା ରାହୁଲ ଗାନ୍ଧୀଙ୍କୁ ୨ବର୍ଷ ଜେଲ୍ ଦଣ୍ଡାଦେଶ ପ୍ରଦାନ କରାଯାଇଥିବାବେଳେ ତାଙ୍କର ଲୋକ ସଭା ସଦସ୍ୟ ପଦ ରଦ୍ଦ ହୋଇଛି। ଏହାର ପ୍ରତିବାଦରେ କଂଗ୍ରେସ ପକ୍ଷରୁ ଦେଶବ୍ୟାପୀ ସତ୍ୟାଗ୍ରହ ଡାକରା ଦିଆଯାଇଛି। ଏହି ପରିପ୍ରେକ୍ଷୀରେ ଢେଙ୍କାନାଳ ଜିଲା କଂଗ୍ରେସ କମିଟି ସଭାପତି ସରୋଜ ପଟ୍ଟନାୟକଙ୍କ ନେତୃତ୍ୱରେ ରବିବାର ବସ୍‌ଷ୍ଟାଣ୍ଡସ୍ଥିତ ଗାନ୍ଧୀ ପାର୍କ ପରିସରରେ ଥିବା ମହାତ୍ମା ଗାନ୍ଧୀଙ୍କ ପ୍ରତିମୂର୍ତ୍ତି ତଳେ ସତ୍ୟାଗ୍ରହ ଆନ୍ଦୋଳନ ଅନୁଷ୍ଠିତ ହୋଇଥିଲା। ରାହୁଲ ଗାନ୍ଧୀଙ୍କ ଲୋକ ସଭା ସଭ୍ୟପଦ ତରବରିଆ ଭାବେ ରଦ୍ଦ କରାଯାଇଛି। ଏଭଳି କରି ମୋଦି ସରକାର ଗଣତନ୍ତ୍ରକୁ ହତ୍ୟା କରିବାର ଅପଚେଷ୍ଟା କରୁଛନ୍ତି। ଏହାକୁ ସହ୍ୟ କରାଯିବ ନାହିଁ। ଆନ୍ଦୋଳନକୁ ଆହୁରି ତୀବ୍ର କରାଯିବ ବୋଲି ନେତୃବୃନ୍ଦ ଶପଥ ନେଇଛନ୍ତି। ପୂର୍ବତନ ମନ୍ତ୍ରୀ ନବୀନଚନ୍ଦ୍ର ନାରାୟଣ ଦାସ, ପୂର୍ବତନ ଜିଲା ସଭାପତି ସୁରେଶ ଚନ୍ଦ୍ର ପାଣିଗ୍ରାହୀ, ସୁଭାସିନୀ ମହାକୁଡ଼, ମୁଖପାତ୍ର ପ୍ରେମଶଙ୍କର ମିଶ୍ର, ସୁନୀଲ ଦାଶ, ଗୋପାଳ ଚନ୍ଦ୍ର ସାହୁ, ନିଶାକର ସାହୁ, ବିପ୍ରବର ସାହୁ, ମହମ୍ମଦ ସମୀର, ଟାଉନ୍ ସଭାପତି ହାଇଦର ମହମ୍ମଦ, ଛାତ୍ର ସଭାପତି ଶୁଭମ୍ ଦାଶ, ମହିଳା ସଭାନେତ୍ରୀ ସସ୍ମିତାରାଣୀ ସାମଲ, ଶିଳ୍ପୀଶ୍ରୀ ହରିଚନ୍ଦନ, ରୁମିନ ବେଗମ୍ ପ୍ରମୁଖ ଏଥିରେ ସାମିଲ ହୋଇଥିଲେ।




ସତ୍ୟାଗ୍ରହରେ ସାମିଲ ହୋଇଥିବା କଂଗ୍ରେସ ନେତୃବୃନ୍ଦ।

# ବିଜେଡିର ଜୋର୍‌ଦାର ପ୍ରଚାର, ୫ ବିଧାୟକ ସାମିଲ

## ହିନ୍ଦୋଳ ଏନ୍‌ଏସି ନିର୍ବାଚନ

**ଢେଙ୍କାନାଳ ଅଫିସ, ୨୬।୩**

ଢେଙ୍କାନାଳ ଜିଲା ହିନ୍ଦୋଳ ଏନ୍‌ଏସି ନିର୍ବାଚନ ପାଇଁ ମତଦାନ ଦିବସ ଯେତିକି ପାଖଉଛି, ପ୍ରଚାର ମଇଦାନରେ ରାଜନୈତିକ ବାତାବରଣ ସେତିକି ଉଷ୍ମ ହେବାରେ ଲାଗିଛି। ଶାସକ ବିଜେଡି ପୁନର୍ବାର କ୍ଷମତା ଦଖଲ କରିବାକୁ ଜୋର୍‌ଦାର ଉଦ୍ୟମ ଜାରି ରଖିଥିବାବେଳେ ରବିବାର ପ୍ରଚାରରେ ୫ ଜଣ ବିଧାୟକ ସାମିଲ ହୋଇ ଶକ୍ତି ପ୍ରଦର୍ଶନ କରିଛନ୍ତି। ଶଙ୍ଖନାଦ ଓ ପାରମ୍ପରିକ ବାଦ୍ୟର ତାଳେ ତାଳେ ଅନୁଷ୍ଠିତ ଶୋଭାଯାତ୍ରାରେ ଦଳୀୟ ନେତୃବୃନ୍ଦ, ପ୍ରାର୍ଥୀମାନେ ଘର ଘର ବୁଲି ଭୋଟ ଭିକ୍ଷା କରିଥିଲେ।

ଢେଙ୍କାନାଳ ବିଧାୟକ ତଥା ବିଜେଡି ପକ୍ଷରୁ ନିଯୁକ୍ତ ପର୍ଯ୍ୟବେକ୍ଷକ ସୁଧୀର କୁମାର ସାମଲଙ୍କ ନେତୃତ୍ୱରେ ହିନ୍ଦୋଳ ବିଧାୟିକା ସୀମାରାଣୀ ନାୟକ, ଛେଣ୍ଡିପଦା ବିଧାୟକ ସୁଶାନ୍ତ ବେହେରା, ପାଲଲହଡ଼ା ବିଧାୟକ ମୁକେଶ ପାଲ, ଭୁବନେଶ୍ୱର ଉତ୍ତର ବିଧାୟକ ସୁଶାନ୍ତ ରାଉତ ପ୍ରମୁଖ ପ୍ରଚାରରେ ସାମିଲ ହୋଇଥିଲେ। ରାଜ୍ୟ ଯୁବ କଲ୍ୟାଣ ବୋର୍ଡ ଅଧ୍ୟକ୍ଷ କୁନା ବିହାରୀ ଦାସ, ରାଜ୍ୟ ସାଧାରଣ ସମ୍ପାଦକ ହର୍ଷବର୍ଦ୍ଧନ ସିଂଦେଓ, ରାଜ୍ୟ ବନ ନିଗମ ଉପଦେଷ୍ଟା ଦେବୀ ପ୍ରସାଦ ଭୂତିଆ, ଜିଲା ଯୁବ ବିଜେଡି ସଭାପତି ତଥା କାମାକ୍ଷାନଗର ନଗରପାଳ ଧର୍ମାନନ୍ଦ ପରିଡ଼ା, ରାଜ୍ୟ ମହିଳା ବିଜେଡି ଉପସଭାନେତ୍ରୀ ସାଇଶ୍ରୀ ପଟ୍ଟନାୟକ, ଜିଲା ମହିଳା ବିଜେଡି ସଭାନେତ୍ରୀ ସାଗରିକା ମିଶ୍ର, କାର୍ଯ୍ୟକାରୀ ସଭାନେତ୍ରୀ ରୁବି ବିଶ୍ୱାଳ, ଢେଙ୍କାନାଳ ପୌର ଉପାଧ୍ୟକ୍ଷା ପ୍ରକାଶ କୁଅଁର ପ୍ରମୁଖ ଦଳୀୟ ନଗରପାଳ ପ୍ରାର୍ଥୀ କେଶବ ଚନ୍ଦ୍ର ପ୍ରଧାନଙ୍କୁ ଜିତାଇବା ପାଇଁ ଭୋଟରଙ୍କୁ ନିବେଦନ କରିଛନ୍ତି। ଏଥିସହ ୧୦ନଂ. ୱାର୍ଡର ବିଜେଡି କାଉନ୍‌ସିଲର ପ୍ରାର୍ଥୀ ପ୍ରତିମା ରାଉତ, ୧୧ନଂ. ୱାର୍ଡର ଶୁଭଲକ୍ଷ୍ମୀ ଦେହୁରୀ, ୧୨ନଂ. ୱାର୍ଡର ସୁଜିତ କୁମାର ବେହେରା ପ୍ରମୁଖ ଭୋଟରଙ୍କ ନିକଟତର ହେବାକୁ ଉଦ୍ୟମ ଜାରି ରଖିଛନ୍ତି। ଏହି ପରିପ୍ରେକ୍ଷୀରେ ବିଧାୟକ ସାମଲ କହିଲେ, ମୁଖ୍ୟମନ୍ତ୍ରୀଙ୍କ ସମସ୍ତ ବିକାଶମୂଳକ ଯୋଜନା ହିନ୍ଦୋଳ ଏନଏସିରେ କାର୍ଯ୍ୟକାରୀ ହେଉଛି। ଅଞ୍ଚଳବାସୀ ଏହା ଭଲ ଭାବରେ ଜାଣିଛନ୍ତି। ଆମର କେହି ପ୍ରତିଦ୍ୱନ୍ଦ୍ୱୀ ନାହାନ୍ତି। ସମସ୍ତ ୧୬ ୱାର୍ଡରେ ଆମେ ଜିତିବୁ ବୋଲି ସେ ଦୃଢ଼ୋକ୍ତି ପ୍ରକାଶ କରିଛନ୍ତି।



ବିଜେଡି ପକ୍ଷରୁ ଆୟୋଜିତ ନିର୍ବାଚନୀ ଶୋଭାଯାତ୍ରାରେ ଦଳୀୟ ନେତୃବୃନ୍ଦ।

## ସଂକ୍ଷେପରେ

### ରାମନବମୀ ପାଇଁ ତୁଳସୀପାଳ ଚଳଚଞ୍ଚଳ

**ବଅଁରପାଳ, ୨୬।୩(ଡି.ଏନ୍.ଏ.):** ରାମନବମୀ ପାଇଁ ଅନୁଗୋଳ ଜିଲା ବଅଁରପାଳ ବ୍ଲକର ତୁଳସୀପାଳ ଗ୍ରାମ ଚଳଚଞ୍ଚଳ ହୋଇଉଠିଛି। ଏହି ଉପଲକ୍ଷେ ରବିବାରଠାରୁ ଆରମ୍ଭ ହୋଇଛି ୪ ଦିନିଆ ଆଧ୍ୟାତ୍ମିକ କାର୍ଯ୍ୟକ୍ରମ। ଠାକୁରଙ୍କୁ ଏକ ଶୋଭାଯାତ୍ରାରେ ଗ୍ରାମ ପରିକ୍ରମା କରାଯାଇ ମଣ୍ଡପରେ ବିଜେ କରାଯାଇଛି। ସନ୍ଧ୍ୟାରୁ ୪ଦିନିଆ ବାଦୀପାଲା ଆରମ୍ଭ ହୋଇଛି। କଟକର ସତ୍ୟନାରାୟଣ ଜେନା ଏବଂ ଢେଙ୍କାନାଳ ଉଜ୍ୱଳ ବିଜୟ କୁମାର ଗାୟକ ଭାବେ ଯୋଗଦେଇ ପାଲା ପରିବେଷଣ କରିବେ। ୩୦ ତାରିଖରେ ଯଜ୍ଞ ପୂର୍ଣ୍ଣାହୁତି ସମ୍ପନ୍ନ ହେବ। ଉକ୍ତଦିନ ସାମୂହିକ ଅନ୍ନପ୍ରସାଦ ସେବନ କାର୍ଯ୍ୟକ୍ରମ ରହିଛି। ଅନୁଷ୍ଠାନର ସଭାପତି ବୈକୁଣ୍ଠ ବିହାରୀ ସାହୁ, ସମ୍ପାଦକ ରତିକାନ୍ତ ସାହୁ, ବାଉରୀ ବନ୍ଧୁ ସାହୁ, ଭଜମନ ମହାନ୍ତି, ଧୀରେନ୍ଦ୍ର ଗଡ଼ନାୟକ, ନିର୍ମଳ ବିଶ୍ୱାଳ, ଅଜୟ ସାହୁ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା ଦାୟିତ୍ୱରେ ଅଛନ୍ତି।

### ଛାତରୁ ପଡ଼ି ମହିଳା ମୃତ

**ଛେଣ୍ଡିପଦା,୨୬।୩(ସ୍ୱ.ପ୍ର)**-ଛେଣ୍ଡିପଦା ଥାନା ମାମୁରିଆ ଗ୍ରାମରେ ରବିବାର ଛାତରୁ ପଡ଼ି ଜଣେ ମହିଳାଙ୍କ ମୃତ୍ୟୁ ଘଟିଛି। ସେ ହେଲେ ସ୍ଥାନୀୟ ନୂଆସାହିର ଛାଲୁ ଲେଙ୍କାଙ୍କ ସ୍ତ୍ରୀ ସୁକାନ୍ତି ଲେଙ୍କା। ପରିବାର ଲୋକଙ୍କ କହିବା କଥା, ସୁକାନ୍ତି ସନ୍ଧ୍ୟାରେ ଘର ଛାତକୁ ଲାଗିଥିବା ଏକ କଦଳୀକାନ୍ଧି କାଟିବାକୁ ଯାଇଥିଲେ। ଛାତ ଉପରେ ଥାଇ କଦଳୀ କାନ୍ଧି କାଟୁଥିବାବେଳେ ତଳକୁ ଖସି ପଡ଼ିଥିଲେ। ଘର ଅଗଣାରେ ଥିବା ତୁଳସୀ ଚଉରାରେ ପିଟି ହୋଇଯିବାରୁ ସଂଜ୍ଞାହୀନ ହୋଇପଡ଼ିଥିଲେ। ପରିବାର ଲୋକ ତାଙ୍କୁ ଉଦ୍ଧାର କରି ଛେଣ୍ଡିପଦା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ଡାକ୍ତରଙ୍କ ପରାମର୍ଶକ୍ରମେ ତାଙ୍କୁ ଅନୁଗୋଳ ଜିଲା ମୁଖ୍ୟ ଚିକିତ୍ସାଳୟକୁ ଅଣାଯାଉଥିବାବେଳେ ବାଟରେ ତାଙ୍କର ମୃତ୍ୟୁ ଘଟିଥିଲା। ଏ ନେଇ ଥାନାରେ କୌଣସି ଅଭିଯୋଗ ହୋଇ ନ ଥିବା ଛେଣ୍ଡିପଦା ପୋଲିସ ପ୍ରକାଶ କରିଛି।

### ସବଷ୍ଟେଶନ ନିର୍ମାଣ ପାଇଁ ମୁଖ୍ୟମନ୍ତ୍ରୀଙ୍କୁ ଚିଠି

**ବଇଣ୍ଡା,୨୬।୩(ଡି.ଏନ୍.ଏ)**-ଆଠମଲ୍ଲିକ ବିଧାନସଭା ନିର୍ବାଚନମଣ୍ଡଳୀ ଅଧୀନ ଟାଇଁସି ନିକଟରେ ଓପିଟିସିଏଲ୍ ପକ୍ଷରୁ ଏକ ୩୩ କେଭିର ପ୍ରାଇମେରି ସବଷ୍ଟେଶନ ନିର୍ମାଣ ପାଇଁ ବିଧାୟକ ରମେଶ ଚନ୍ଦ୍ର ସାଏ ସୋମବାର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ଚିଠି ଲେଖିଛନ୍ତି। ବିଧାୟକ ତାଙ୍କ ଚିଠିରେ ଉଲ୍ଲେଖ କରିଛନ୍ତି, ଆଠମଲ୍ଲିକ ନିର୍ବାଚନମଣ୍ଡଳୀ ଅଧୀନ ଅନୁଗୋଳ ବ୍ଲକର ୯ ପଞ୍ଚାୟତରେ ବିଦ୍ୟୁତ୍ ଯୋଗାଣରେ ବିଭ୍ରାଟ ପରିଲକ୍ଷିତ ହେଉଛି। ବିଦ୍ୟୁତ୍ କାଟ ସାଙ୍ଗକୁ ଲୋ ଭୋଲଟେଜ ସମସ୍ୟା ଦେଖାଯାଇଛି। ଅଞ୍ଚଳବାସୀ ୨୪ ଘଣ୍ଟିଆ ବିଦ୍ୟୁତ୍ ସେବା ପାଇ ପାରୁନାହାନ୍ତି। ଟାଇଁସି ନିକଟରେ ଏକ ୩୩ କେଭି ସବଷ୍ଟେଶନ ନିର୍ମାଣ କରାଗଲେ ୯ଟି ପଞ୍ଚାୟତବାସୀ ଉପକୃତ ହୋଇପାରିବେ। ଏ ଦିଗରେ ଦୃଷ୍ଟି ଦେବାକୁ ବିଧାୟକ ମୁଖ୍ୟମନ୍ତ୍ରୀଙ୍କୁ ନିବେଦନ କରିଛନ୍ତି।

# କମ୍ପାନୀ ଗେଟ୍‌ରେ ଗୋରୁ ବାନ୍ଧି ପ୍ରତିବାଦ ଚେତାବନୀ

### ଅସନ୍ତୋଷ ଖାଡ଼ିଲେ କ୍ଷତିଗ୍ରସ୍ତ ପ୍ରଜା


ବୈଠକରେ ଏଲ୍‌ଏପି କ୍ଷତିଗ୍ରସ୍ତ ପ୍ରଜାସଂଘର ସଦସ୍ୟମାନେ।

**ବଅଁରପାଳ, ୨୬।୩(ଡି.ଏନ୍.ଏ.)**

ନବରତ୍ନ କମ୍ପାନୀ ନାଲ୍‌କୋ ବିରୋଧରେ ପୁନର୍ବାର ଅସନ୍ତୋଷ ଖାଡ଼ିଛି ନାଲ୍‌କୋ ସ୍ପୋନ୍‌ସୋର୍ଡ ଆଇଟିଆଇ (ଏଲ୍‌ଏପି) କ୍ଷତିଗ୍ରସ୍ତ ପ୍ରଜାସଂଘ। କମ୍ପାନୀ କର୍ତ୍ତୃପକ୍ଷ ନିଯୁକ୍ତି ପ୍ରତିଶ୍ରୁତି ଦେଇ ଦିନ ଗଡ଼ାଇ ଚାଲିଛନ୍ତି। ଫଳରେ ୧୯୮ କ୍ଷତିଗ୍ରସ୍ତଙ୍କ ଭବିଷ୍ୟତ ଅନ୍ଧକାର ଆଡ଼କୁ ଠେଲି ହୋଇଯାଉଛି। ଦାବି ପୂରଣ ନ ହେଲେ କମ୍ପାନୀକୁ କୋଇଲା, ପାଣି ବନ୍ଦ କରାଯିବ। ୩୯ ଗ୍ରାମର କ୍ଷତିଗ୍ରସ୍ତ ପରିବାର କାରଖାନାର ସମସ୍ତ ପ୍ରବେଶ ପଥରେ ଗୋରୁ ବାନ୍ଧି ପ୍ରତିବାଦ କରିବେ ବୋଲି ଚେତାବନୀ ଦେଇଛନ୍ତି।

ନ୍ୟାଯ୍ୟଦାବିରୁ ବଞ୍ଚିତ ଏଲ୍‌ଏପି କ୍ଷତିଗ୍ରସ୍ତ ପ୍ରଜାସଂଘର ଏକ ବୈଠକ ରବିବାର ଅନୁଗୋଳ ଜିଲା ବଅଁରପାଳ ବ୍ଲକ କୁରୁଡୋଲସ୍ଥିତ ହନୁମାନ ମନ୍ଦିର ପ୍ରାଙ୍ଗଣରେ ଅନୁଷ୍ଠିତ ହୋଇଥିଲା। ସଂଘ ପକ୍ଷରୁ କୁହାଯାଇଛି, କିଛି ମାସ ତଳେ ଅନୁଗୋଳ ଜିଲାପାଳଙ୍କ ଅଧ୍ୟକ୍ଷତାରେ ଏମ୍‌ପି ମହେଶ ସାହୁ ଏବଂ ଏଲ୍‌ଏପି କ୍ଷତିଗ୍ରସ୍ତ ପ୍ରଜାଙ୍କୁ ନେଇ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। କମ୍ପାନୀର ପାରିପାର୍ଶ୍ୱିକ କାର୍ଯ୍ୟ ତ୍ୱରାନ୍ୱିତ କରିବା ଏବଂ କ୍ଷତିଗ୍ରସ୍ତଙ୍କୁ ଠିକାଭିତ୍ତିରେ ନିଯୁକ୍ତି ଦେବା ନେଇ ବୈଠକରେ ଆଲୋଚନା କରାଯାଇଥିଲା। ଏହାପରେ ପୁନର୍ବାର ଏମ୍‌ପି ଏବଂ କମ୍ପାନୀର ପଦସ୍ଥ ଅଧିକାରୀଙ୍କ ଉପସ୍ଥିତିରେ ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ନାଲ୍‌କୋ ଅତିଥି ଭବନରେ ହୋଇଥିଲା। କ୍ଷତିଗ୍ରସ୍ତଙ୍କ ବିଭିନ୍ନ ସମସ୍ୟାଗୁଡ଼ିକର ଶାନ୍ତିପୂର୍ଣ୍ଣ ସମାଧାନ କରିବା, ପାରିପାର୍ଶ୍ୱିକ ଉନ୍ନୟନ ପ୍ରକଳ୍ପ କାର୍ଯ୍ୟ ତ୍ୱରାନ୍ୱିତ କରିବା ଲାଗି କମ୍ପାନୀ କର୍ତ୍ତୃପକ୍ଷ ସହମତି ଜଣାଇଥିଲେ। ହେଲେ ନାଲ୍‌କୋ ପ୍ରଶାସନ ପ୍ରତିଶ୍ରୁତି ପୂରଣ କରୁନାହାନ୍ତି। ନାଲ୍‌କୋର ବରିଷ୍ଠ ଅଧିକାରୀଙ୍କ ଦୃଷ୍ଟି ଆକର୍ଷଣ କଲେ ସେମାନେ ଏ ସମ୍ପର୍କରେ କିଛି ଜାଣି ନ ଥିବା କହୁଛନ୍ତି। ତେଣୁ ଏଭଳି ଟାଳଟୁଳ ନୀତି ପ୍ରତିବାଦରେ ନାଲ୍‌କୋକୁ କୋଇଲା ପାଣି ବନ୍ଦ କରିବା ସହ ସମସ୍ତ ପ୍ରବେଶ ପଥରେ ଗୋରୁ ବାନ୍ଧି ଆନ୍ଦୋଳନ କରାଯିବ ବୋଲି ସଭାପତି ଦିବ୍ୟରଞ୍ଜନ ଦାସ, ସମ୍ପାଦକ ଶଶାଙ୍କ ଶେଖର ସାମଲ ଚେତାବନୀ ଦେଇଛନ୍ତି।

ଏ ସମ୍ପର୍କରେ ଡିଜିଏମ୍ (ଏଚ୍‌ଆର୍) ସୁନୀଲ ମହାପାତ୍ରଙ୍କ ମତାମତ ଲୋଡ଼ିବାରେ ସେ କୁହନ୍ତି, ଏ ନେଇ ତାଙ୍କ ନିକଟରେ କୌଣସି ସୂଚନା ନାହିଁ। ତଥାପି କ୍ଷତିଗ୍ରସ୍ତଙ୍କ ସହ ଆଲୋଚନା କରି ତୁରନ୍ତ ପଦକ୍ଷେପ ନିଆଯିବ।



# ଛାତ୍ରୀଛାତ୍ରଙ୍କ ନିରାପତ୍ତା ସମ୍ପର୍କରେ ଆଲୋଚନା

**ବଇଣ୍ଡା,୨୬।୩(ଡି.ଏନ୍.ଏ)**

ଅନୁଗୋଳ ଜିଲା କିଶୋରନଗର ବ୍ଲକ ଫୁଲମ୍ୱା ସରକାରୀ ଉଚ୍ଚ ବିଦ୍ୟାଳୟରେ ରବିବାର ଅଭିଭାବକ-ଶିକ୍ଷକ କମିଟି ବୈଠକ ଅନୁଷ୍ଠିତ ହୋଇଯାଇଛି। ସ୍କୁଲରେ ଛାତ୍ରୀଛାତ୍ରଙ୍କ ନିରାପତ୍ତା, ଜୀବନକୌଶଳ ଶିକ୍ଷା ସମ୍ପର୍କରେ ଆଲୋଚନା କରାଯାଇଥିଲା।

ପ୍ରଧାନ ଶିକ୍ଷକ ସନ୍ତୋଷ କୁମାର ସାହୁଙ୍କ ସଭାପତିତ୍ୱରେ ଶିକ୍ଷକ ପ୍ରଦୀପ କୁମାର ମାଝି, ସୁବଳ ବୁଦ୍ଧିଆ, ଶିବରାମ ସାହୁ, ସଞ୍ଜୀବ ବେହେରା, ଅଞ୍ଜନା ସାହୁ, ଶୋଭାଙ୍ଗିନୀ ବେହେରା, ଧରଣୀଧର ସେଠୀ, ନିହାର ରଞ୍ଜନ ଦେଓ, ଅଭିଭାବକ ଅଭିମନ୍ୟୁ ମାଝି, ସଞ୍ଜୀବ ସାହୁ, ବିଦେଶୀ ନାୟକ, ପୁରୁଷୋତ୍ତମ ସେଠୀ, ସରୋଜିନୀ ନାୟକ, ମିନୁ ଦେହୁରୀ, ଶଙ୍କର ଦେହୁରୀଙ୍କ ସମେତ ବହୁ ଅଭିଭାବକ ଯୋଗଦେଇଥିଲେ। ବିଦ୍ୟାଳୟକୁ ଆସୁଥିବା ଅନୁଦାନର ସୁପରିଚାଳନା, ଯୋଜନାର ସଫଳ ରୂପାୟନ ଆଦି ସମ୍ପର୍କରେ ଆଲୋଚନା କରାଯାଇଥିଲା। ଅଭିଭାବକ ଓ ଶିକ୍ଷକଙ୍କ ମଧ୍ୟରେ ସମନ୍ୱୟ ରହିଲେ ଶିକ୍ଷାନୁଷ୍ଠାନର ସର୍ବାଙ୍ଗୀନ ବିକାଶ ହୋଇପାରିବ ବୋଲି ଅଭିଭାବକମାନେ ମତବ୍ୟକ୍ତ କରିଥିଲେ।

# ୩୧ ଜଣଙ୍କ ସ୍ୱାସ୍ଥ୍ୟ ପରୀକ୍ଷା

**ଅନୁଗୋଳ ଅଫିସ, ୨୬।୩**

ଅନୁଗୋଳ ଜିଲା ଶ୍ରୀ ସତ୍ୟସାଇ ସେବା ସଙ୍ଗଠନ ପକ୍ଷରୁ ସ୍ଥାନୀୟ ହାକିମପଡ଼ାସ୍ଥିତ ମନ୍ଦିର ପ୍ରାଙ୍ଗଣରେ ଥଲାସେମିଆ ଓ ସିକିଲସେଲ ରୋଗ ସମ୍ପର୍କିତ ନିଃଶୁଳ୍କ ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି। ହେମାଟୋଲୋଜି ବିଭାଗର ବରିଷ୍ଠ ଚିକିତ୍ସା ବିଶାରଦ ପ୍ରଫେସର ହେମଲତା ଦାସ, ଜରୁରିକାଳୀନ ଚିକିତ୍ସା ବିଭାଗର ବରିଷ୍ଠ ଡାକ୍ତର ଦେବାଶିଷ ପ୍ରଧାନ ଯୋଗଦେଇ ୩୧ ଜଣଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରିଥିଲେ। ଥାଲାସେମିଆ ଓ ସିକିଲସେଲ୍‌ରେ ଆକ୍ରାନ୍ତ ରୋଗୀ ନିଃଶୁଳ୍କ ସେବା ପାଇଁ ପାଇଁ ଜିଲାର ବିଭିନ୍ନ ସତ୍ୟସାଇ ସେବା ସଙ୍ଗଠନ ସହ ଯୋଗାଯୋଗ କରିବା ପାଇଁ ନିବେଦନ କରାଯାଇଛି।



# ଯୁବତୀଙ୍କୁ ଟଣାଓଟରା: ବିବାହିତ ଯୁବକ ଗିରଫ

**ବଇଣ୍ଡା,୨୬।୩(ଡି.ଏନ୍.ଏ)**

ହଣ୍ଡପା ଥାନା ଅଞ୍ଚଳର ଜଣେ ୨୪ ବର୍ଷୀୟା ଯୁବତୀଙ୍କୁ ଅସଦାଚରଣ କରିବା ଅଭିଯୋଗରେ ପୋଲିସ ରବିବାର ହଣ୍ଡପା ଥାନା ସୋଲଣ୍ଡା ଗ୍ରାମର ପ୍ରତାପ କୁମାର ମୁଖୀଙ୍କୁ ଗିରଫ କରିଛି। ପୋଲିସ କହିଛି, ପ୍ରତାପ ବିବାହିତ। ତଥାପି ସେ ସମ୍ପୃକ୍ତା ଯୁବତୀଙ୍କୁ ଭଲପାଇ ଆସୁଥିଲେ। ଯୁବତୀ ଏହା ଜାଣିବା ପରେ ପ୍ରତାପଙ୍କଠାରୁ ଦୂରେଇ ଯାଇଥିଲେ। ତେବେ ପ୍ରତାପ ତାଙ୍କୁ ବିଭିନ୍ନ ସମୟରେ ହଇରାଣ ହରକତ କରୁଥିଲେ। ଶନିବାର ରାତିରେ ମାଡ଼ମାରିବା ସହ ଟଣାଓଟରା କରିଥିଲେ। ଏ ନେଇ ଥାନାରେ ନଂ. ୬୮/୨୩ରେ ଏକ ମାମଲା ରୁଜୁ ହୋଇଛି। ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରାଯାଇଥିବା ପୋଲିସ କହିଛି।

# ଗୋପାଳକଙ୍କ ଆର୍ଥିକ ଉନ୍ନତିକୁ ଗୁରୁତ୍ୱ


କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥିଙ୍କ ସମେତ ଅନ୍ୟମାନେ।

**ଅନୁଗୋଳ ଅଫିସ,୨୬।୩**

### ବ୍ଲକସ୍ତରୀୟ ଜାତୀୟ ପ୍ରାଣୀଧନ ମେଳା

ଅନୁଗୋଳ ବ୍ଲକସ୍ତରୀୟ ଜାତୀୟ ପ୍ରାଣୀଧନ ମେଳା ଶଙ୍ଖପୁର ପଞ୍ଚାୟତ ଖାଲଗାଁ ଗ୍ରାମରେ ରବିବାର ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ବିଧାୟକ ରଜନୀକାନ୍ତ ସିଂ ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଥିଲେ। ଗୋପାଳକଙ୍କ ଆର୍ଥିକ ଉନ୍ନତି, ଗୋସୁରକ୍ଷା, ଗୋରୁବଂଶ ବୃଦ୍ଧିରେ ଏସ୍‌ଏଚ୍‌ଜି ଏବଂ ପ୍ରାଣୀମିତ୍ରଙ୍କ ସହଭାଗିତା ଉପରେ ସେ ଗୁରୁତ୍ୱାରୋପ କରିଥିଲେ।

ପ୍ରାରମ୍ଭରେ ଜିଲା ମୁଖ୍ୟ ପ୍ରାଣୀଧନ ଚିକିତ୍ସାଧିକାରୀ ନୀରୋଦ ଦାସ ମେଳା ଆୟୋଜନର ଉଦ୍ଦେଶ୍ୟ ସମ୍ପର୍କରେ ଆଲୋଚନା କରିଥିଲେ। ଗୋପାଳନରେ ଉତ୍କର୍ଷ ପ୍ରଦର୍ଶନ କରିଥିବା ଗୋପାଳମାନଙ୍କୁ ପୁରସ୍କୃତ କରାଯାଇଥିଲା। ଜିଲା ମୁଖ୍ୟ ପ୍ରାଣୀଧନ ଚିକିତ୍ସାଳୟର ଉପ ନିର୍ଦ୍ଦେଶକ ଡ. କେଶବ ଚନ୍ଦ୍ର ପ୍ରଧାନ, କୁକୁଡ଼ା ଫାର୍ମ ପରିଚାଳକ ଦୀପ୍ତିରଞ୍ଜନ ସ୍ୱାଇଁ, ସଫଳ ଚାଷୀ ଏବଂ ବୈଜ୍ଞାନିକମାନେ ଆଲୋଚନାରେ ଭାଗ ନେଇ ଅନୁଭୂତି ବାଣ୍ଟିଥିଲେ। ସମ୍ମାନିତ ଅତିଥି ଭାବେ ଜିଲା ପରିଷଦ ସଭାନେତ୍ରୀ ବବିତା ପ୍ରଧାନ, ଜିଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ଲଳିତ ବେହେରା, ପଞ୍ଚାୟତ ସମିତି ଅଧ୍ୟକ୍ଷା ରାଜଶ୍ରୀ ସାହୁ, ଶଙ୍ଖପୁର ସରପଞ୍ଚ ଜ୍ୟୋତିର୍ମୟୀ ଦେହୁରୀ, ସମିତିସଭ୍ୟ ସୁମନ୍ତ ସାହୁଙ୍କ ସମେତ ଜିଲାର ବିଭିନ୍ନ ସ୍ଥାନରୁ ବହୁ ପ୍ରାଣୀଧନ ନିରୀକ୍ଷକ, ଚିକିତ୍ସାଧିକାରୀ ଉପସ୍ଥିତ ଥିଲେ। ଜିଲା ଅତିରିକ୍ତ ପ୍ରାଣୀ ଚିକିତ୍ସାଧିକାରୀ ଡ. ପ୍ରତାପ କୁମାର ପଟ୍ଟନାୟକ ଧନ୍ୟବାଦ ଦେଇଥିଲେ।

# ଲୋକାଭିମୁଖୀ କାର୍ଯ୍ୟ ଉପରେ ଆଲୋଚନା



ସମାବେଶରେ ଯୋଗଦେଇଥିବା ବିଜେଡିର ନେତ୍ରୀମାନେ।

**ବଅଁରପାଳ,୨୬।୩(ଡି.ଏନ୍.ଏ)**

ବଅଁରପାଳ ବ୍ଲକ ଗଡ଼ସନ୍ତ୍ରୀଠାରେ ବିଜେଡିର ମହିଳା ସମାବେଶ ରବିବାର ଅନୁଷ୍ଠିତ ହୋଇଯାଇଛି। ୨୮ନଂ. ଜିଲା ପରିଷଦ ସଭ୍ୟା ମୀରା ଗଡ଼ନାୟକ ଏଥିରେ ସଭାପତିତ୍ୱ କରିଥିଲେ। ଜିଲା ମହିଳା ସଭାନେତ୍ରୀ ବିଦ୍ୟୁତ୍‌ଲତା ପ୍ରଧାନ, ବ୍ଲକ ସଭାନେତ୍ରୀ ସୁନୀତା ଭୁକ୍ତା, ପୂର୍ବତନ ବ୍ଲକ ଅଧ୍ୟକ୍ଷା ଅଞ୍ଜଳି ଭୋଇ, ନର୍ମଦା ମାଝିଙ୍କ ସମେତ ୧୭ ପଞ୍ଚାୟତର ସରପଞ୍ଚ ଓ ସମିତି ସଭ୍ୟ ଉପସ୍ଥିତ ଥିଲେ। ରାଜ୍ୟର ବିଜେଡି ଶାସନ କାଳରେ ହୋଇଥିବା ବିଭିନ୍ନ ଲୋକାଭିମୁଖୀ କାର୍ଯ୍ୟ ଉପରେ ଆଲୋଚନା କରାଯାଇଥିଲା। ଏଚ୍‌ଏଚ୍‌ଜି ସଦସ୍ୟାଙ୍କୁ ଆତ୍ମନିର୍ଭର କରିବାକୁ ରାଜ୍ୟ ସରକାର ବହୁ ପଦକ୍ଷେପ ନେଇଛନ୍ତି। ଗୋଷ୍ଠୀର ଆଗଧାଡ଼ିର ୨ ଲକ୍ଷ ମହିଳାଙ୍କ ପାଇଁ ଇ-ସ୍କୁଟର ବ୍ୟବସ୍ଥା କରାଯାଇଛି। ମହିଳା ସଶକ୍ତୀକରଣ ପାଇଁ ୨ ହଜାର ୫୪୫ କୋଟି ଟଙ୍କାର ବ୍ୟୟବରାଦ କରାଯାଇଛି ବୋଲି ସୂଚନା ଦିଆଯାଇଥିଲା। ବ୍ଲକ ଅଧ୍ୟକ୍ଷ ବିଜୟ କୁମାର ନାଥ, ଯୁବନେତା ଅରୁଣାଭ ସିଂଙ୍କ ନେତୃତ୍ୱରେ ଏହି ସମାବେଶ ଅନୁଷ୍ଠିତ ହୋଇଥିଲା। ବିଜେଡି ଉପସଭାପତି ବାଉରୀବନ୍ଧୁ ସାହୁ, ଜିଲା ପରିଷଦ ସଭ୍ୟ ଗୋପାଳ ନାୟକ, ସନ୍ତୋଷ ସାହୁ, ସଚ୍ଚି ବେହେରା, ବିନୋଦ ବେହେରା ପ୍ରମୁଖ ବହୁ ନେତା, କର୍ମୀ ଉପସ୍ଥିତ ଥିଲେ।

# ବିକାଶରେ ସମବାୟ ଅନୁଷ୍ଠାନର ଭୂମିକା ଗୁରୁତ୍ୱପୂର୍ଣ୍ଣ

**ଢେଙ୍କାନାଳ ଅଫିସ, ୨୬।୩**



ରାଜ୍ୟର ସାମଗ୍ରିକ ବିକାଶରେ ସମବାୟ ଅନୁଷ୍ଠାନଗୁଡ଼ିକର ଭୂମିକା ଗୁରୁତ୍ୱପୂର୍ଣ୍ଣ। ସମବାୟ ସଂସ୍ଥା ମାଧ୍ୟମରେ ଚାଷୀ ଏବଂ ଚାଷକ୍ଷେତ୍ରର ଉନ୍ନତି ହୋଇପାରିଛି। କୃଷକଙ୍କ ଉନ୍ନତି ଲାଗି ରାଜ୍ୟ ସରକାର ବିନା ସୁଧରେ ଏକ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଋଣ ନେବାର ବ୍ୟବସ୍ଥା କରିଛନ୍ତି। ଏହାର ସୁଯୋଗ ନେବା ଉଚିତ ବୋଲି କହିଛନ୍ତି ଖଣି ମନ୍ତ୍ରୀ ପ୍ରଫୁଲ୍ଲ କୁମାର ମଲ୍ଲିକ। ଢେଙ୍କାନାଳ ଜିଲା ଭୁବନ ବ୍ଲକ ସୁରପ୍ରତାପପୁର ସେବା ସମବାୟ ସମିତି ପରିସରରେ ଆୟୋଜିତ ସମିତିସ୍ତରୀୟ ସମବାୟ ବ୍ୟାଙ୍କିଙ୍ଗ ସେବା ଓ ଋଣ କର୍ମଶାଳାରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ମନ୍ତ୍ରୀ ଏଭଳି ଆହ୍ୱାନ ଦେଇଛନ୍ତି।

ସମିତିର ସଭାନେତ୍ରୀ ପୁଷ୍ପଲତା ରାଉତ, ବ୍ଲକ ଅଧ୍ୟକ୍ଷା ସିପ୍ରା ବରାଳ, ଏନ୍‌ଏସି ନଗରପାଳ ଶୁଭେନ୍ଦୁ କୁମାର ସାହୁ, ଜିଲା ପରିଷଦ ସଭ୍ୟ ରମେଶ ଚନ୍ଦ୍ର ସାହୁ, ଜିଲା ସମବାୟ ନିବନ୍ଧକ ସରୋଜିନୀ ଜେନା ପ୍ରମୁଖ ଅତିଥି ଭାବେ ଯୋଗଦେଇ ରାଜ୍ୟ ସରକାରଙ୍କ ବିଭିନ୍ନ କୃଷିଭିତ୍ତିକ ଯୋଜନା ଉପରେ ଆଲୋକପାତ କରିଥିଲେ। କର୍ମଶାଳାରେ ସମିତିର ସମସ୍ତ ଡାଇରେକ୍ଟରଙ୍କ ସମେତ ବହୁସଂଖ୍ୟାରେ ଚାଷୀ ଯୋଗଦେଇଥିଲେ।

# ବାଜି ରାଉତ ଛାତ୍ରାବାସରେ ବସନ୍ତ ଉତ୍ସବ

**ଅନୁଗୋଳ ଅଫିସ, ୨୬।୩**

ଅନୁଗୋଳ ବାଜି ରାଉତ ଛାତ୍ରାବାସରେ ବସନ୍ତ ଉତ୍ସବ ଏବଂ ହଷ୍ଟେଲର ପୂର୍ବତନ କାର୍ଯ୍ୟକର୍ତ୍ତା ପ୍ରଫେସର ବିଭୂତି ଭୂଷଣ ମହାନ୍ତିଙ୍କ ଜୟନ୍ତୀ ପାଳିତ ହୋଇଯାଇଛି। ଛାତ୍ରାବାସ ସମ୍ପାଦକ ଇଂ. ଧନେଶ୍ୱର ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ଅନୁଗୋଳ କଲେଜର ପୂର୍ବତନ ଅଧ୍ୟକ୍ଷ ପ୍ରଫେସର ଶାନ୍ତନୁ କୁମାର ସର, ଛାତ୍ରାବାସର ପୂର୍ବତନ ଉପସଭାପତି ଆନନ୍ଦ ଚନ୍ଦ୍ର ମହାପାତ୍ର ଏବଂ ଖବରଦାତା ସୁବାସ ଚନ୍ଦ୍ର ସାହୁ ପ୍ରମୁଖ ଯୋଗଦେଇ ବିଭୂତିଙ୍କ ବହୁମୁଖୀ ପ୍ରତିଭା ସମ୍ପର୍କରେ ଆଲୋକପାତ କରିଥିଲେ। ଅନ୍ତର୍ଜାତୀୟସ୍ତରରେ ସୁନାମ ଅର୍ଜନ କରିଥିବା ବିଭୂତି ଜାତିସଂଘରେ ଚାକିରି କରିଥିଲେ। ଏପରି କି ୪୦ଟି ଦେଶ ଭ୍ରମଣ କରିଥିଲେ। ପ୍ରୌଢ଼ଶିକ୍ଷା ଓ ସାମ୍ବାଦିକତା କ୍ଷେତ୍ରରେ ତାଙ୍କର ଅବଦାନ ଅନନ୍ୟ ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ।

ପ୍ରାରମ୍ଭରେ କବିଗୁରୁ ରବୀନ୍ଦ୍ରନାଥ ଏବଂ ବିଭୂତି ମହାନ୍ତିଙ୍କ ଫଟୋଚିତ୍ରରେ ମାଲ୍ୟାର୍ପଣ କରାଯାଇଥିଲା। ଶିକ୍ଷୟିତ୍ରୀ ସୁଜାତା ପ୍ରୀତିନନ୍ଦା ସ୍ୱାଗତ ଭାଷଣ ଦେଇଥିବା ବେଳେ ସୁଶ୍ରୀ ଲିପିକା ମହାପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ। ଗାନ୍ଧୀବାଦୀ କୃଷ୍ଣା ମହାନ୍ତିଙ୍କ ନିର୍ଦ୍ଦେଶନାରେ ଅନ୍ତେବାସୀମାନେ ଚିତ୍ତାକର୍ଷକ ଅଭିନୟ କରିଥିଲେ। କଳ୍ପନା ପାଳିତ 'ବସନ୍ତ ଉତ୍ସବ'କୁ ଉଦ୍‌ଘାଟନ କରିଥିବାବେଳେ ପ୍ରଫେସର କୁଳମଣି ନାୟକ ଏହାର ସମୀକ୍ଷା କରିଥିଲେ। ଜିଲା ତଥା ଜିଲା ବାହାରୁ ବହୁ ମାନ୍ୟଗଣ୍ୟ ଯୋଗଦେଇଥିଲେ।



# ମା' ହିଙ୍ଗୁଳାଙ୍କ ଜନ୍ତାଳ ପର୍ବ

### ଢୋଲ, ନିଶାଣ ଶବ୍ଦରେ କମ୍ପିଲା କୁଟେଇଶୁଣୀ ପୀଠ

**ତାଳଚେର, ୨୬।୩(ଡି.ଏନ୍.ଏ.)**

ତାଳଚେରର ଅଧିଷ୍ଠାତ୍ରୀ ଦେବୀ ଅଗ୍ନିରୂପା ମା' ହିଙ୍ଗୁଳାଙ୍କ ପ୍ରସିଦ୍ଧ ଜନ୍ତାଳ ପର୍ବ ଗୋପାଳପ୍ରସାଦସ୍ଥିତ ମା' କୁଟେଇଶୁଣୀ ପୀଠରେ ଅନୁଷ୍ଠିତ ହୋଇଯାଇଛି। ଅପରାହ୍ନ ୧ଟା ୫ରେ ଦେହୁରୀଙ୍କ ଘରୁ ମା'ଙ୍କ ଚଳନ୍ତି ପ୍ରତିମା ଆଲମକୁ ଭବ୍ୟ ଶୋଭାଯାତ୍ରାରେ କୁଟେଇଶୁଣି ମଣ୍ଡପକୁ ଅଣାଯାଇଥିଲା। ମୁଖ୍ୟ ପୂଜକ ହୃଦାନନ୍ଦ ଦେହୁରୀ, କିଶୋର ଚନ୍ଦ୍ର ଦେହୁରୀ, ଟଙ୍କଧର ଦେହୁରୀ ନୀତିକାନ୍ତି ଅନୁଯାୟୀ ପୂଜାର୍ଚ୍ଚନା କରିଥିଲେ। ପରମ୍ପରା ଅନୁଯାୟୀ ପାଇକଙ୍କ ନିମନ୍ତ୍ରଣ ପାଇ ପତିଆର ଘରୁ ବାହାରି ପୁଷ୍କରିଣୀରେ ସ୍ନାନ କରି କୁଟେଇଶୁଣି ମଣ୍ଡପକୁ ଯାଇଥିଲେ। ତାଳଚେର ରାଜାଙ୍କ ଦ୍ୱାରା ପ୍ରଦତ୍ତ ବସ୍ତ୍ର ପ୍ରଦାନ କରି ମୁଖ୍ୟପୂଜକ ପତିଆରଙ୍କୁ ସ୍ୱାଗତ କରିଥିଲେ। ନୂତନ ରାଜବସ୍ତ୍ର ପରିଧାନ କରିସାରିବା ପରେ ପତିଆରଙ୍କୁ ଦେବୀ ରୂପରେ ଷୋଡ଼ଶ ଉପଚାରରେ ପୂଜା କରା ଯାଇଥିଲା।

ସୂଚନାଯୋଗ୍ୟ, ପତିଆରଙ୍କ ଶରୀରରେ ଦେବୀ ଆବିଷ୍ଟ ହୋଇ ମା' ହିଙ୍ଗୁଳାଙ୍କ ଆବିର୍ଭାବର ଦିଗ ବିଷୟରେ ଦେହୁରୀଙ୍କୁ ସୂଚନା ଦେଇଥାନ୍ତି। ଏହା ଆଧାରରେ ଦେହୁରୀ ଅର୍ଦ୍ଧରାତ୍ରରେ ମା'ଙ୍କ ଉଭାସ୍ଥଳ ଚିହ୍ନଟ କରିଥାଆନ୍ତି। ଜନ୍ତାଳ ଉତ୍ସବ ଦେଖିବା ପାଇଁ ଆଖପାଖ ଅଞ୍ଚଳର ବହୁ ଶ୍ରଦ୍ଧାଳୁଙ୍କ ସମାଗମ ହୋଇଥିଲା। ହରିବୋଲ, ହୁଳହୁଳି, ପାରମ୍ପରିକ ବାଦ୍ୟ ଢୋଲ, ନିଶାଣ, ମହୁରି ଶବ୍ଦରେ ସମଗ୍ର ଅଞ୍ଚଳରେ ଆଧ୍ୟାତ୍ମିକ ବାତାବରଣ ଖେଳିଯାଇଥିଲା। ମା' ହିଙ୍ଗୁଳା ଟ୍ରଷ୍ଟ ବୋର୍ଡର ସମସ୍ତ ସଦସ୍ୟ, ସେବାୟତମାନେ ପରିଚାଳନାରେ ସହଯୋଗ କରିଥିଲେ। ମା' ହିଙ୍ଗୁଳାଙ୍କ ପ୍ରସିଦ୍ଧ ବାର୍ଷିକ ଯାତ୍ରା ଓ ୧୯ ତମ ଲୋକ ମହୋତ୍ସବ ଏପ୍ରିଲ ୪ରୁ ଆରମ୍ଭ ହେଉଛି। ଏହା ୧୨ ତାରିଖ ଯାଏ ଚାଲିବ ବୋଲି ମନ୍ଦିର ପ୍ରଶାସନ ପକ୍ଷରୁ ସୂଚନା ଦିଆଯାଇଛି।


ଶୋଭାଯାତ୍ରାରେ ମା'ଙ୍କ ଆଲମ୍‌କୁ ଅଣାଯାଉଛି।

